# The Delhi Regional Security Dialogue on Afghanistan (November 10, 2021)

November 08, 2021

## ଆଫଗାନିସ୍ତାନ ପ୍ରସଙ୍ଗ ଉପରେ ଦିଲ୍ଲୀ ଆଞ୍ଚଳିକ ସୁରକ୍ଷା ଆଲୋଚନା (10 ନଭେମ୍ବର 2021)

ନଭେମ୍ବର 08, 2021

ଆଫଗାନିସ୍ତାନ ପ୍ରସଙ୍ଗ ଉପରେ 10 ନଭେମ୍ବର 2021 ରେ ଭାରତ "ଦିଲ୍ଲୀ ଆଞ୍ଚଳିକ ସୁରକ୍ଷା ଆଲୋଚନା" ଆୟୋଜନ କରିବ। ଏହି ଆଲୋଚନା ଜାତୀୟ ସୁରକ୍ଷା ପରାମର୍ଶଦାତା / ସୁରକ୍ଷା ପରିଷଦର ସଚିବ ସ୍ତରରେ ଅନୁଷ୍ଠିତ ହେବ ଏବଂ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲ କେ ସି ଏହାର ଅଧ୍ୟକ୍ଷତା କରିବେ। ଏହି ଆଲୋଚନାର ପ୍ରଥମ ଦୁଇଟି ସଂସ୍କରଣ 2018 ଓ 2019 ରେ ଇରାନ ଦ୍ୱାରା ଆୟୋଜିତ ହୋଇଥିଲା।

ଆଫଗାନିସ୍ତାନ ପ୍ରସଙ୍ଗ ଉପରେ ହେଉଥିବା ଦିଲ୍ଲୀ ଆଞ୍ଚଳିକ ସୁରକ୍ଷା ଆଲୋଚନାରେ ଇରାନ, କାଜାଖସ୍ତାନ, କିର୍ଗିଜ ଗଣତନ୍ତ୍ର, ଋଷ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଉଜବେକିସ୍ତାନ ବିସ୍ତୃତ ଭାବେ ଚର୍ଚ୍ଚା କରିବେ। ଏହି ଦେଶଗୁଡିକର ପ୍ରତିନିଧିତ୍ୱ ଜାତୀୟ ସୁରକ୍ଷା ପରାମର୍ଶଦାତା / ସୁରକ୍ଷା ପରିଷଦର ସଚିବମାନେ କରିବେ।

ଏହି ଉଚ୍ଚସ୍ତରୀୟ ଆଲୋଚନାରେ ଆଫଗାନିସ୍ତାନର ସାମ୍ପ୍ରତିକ ପରିସ୍ଥିତିରେ ଆଞ୍ଚଳିକ ସୁରକ୍ଷା ସ୍ଥିତିର ସମୀକ୍ଷା କରାଯିବ। ସୁରକ୍ଷା ସମସ୍ୟାର ସମାଧାନ ତଥା ଆଫଗାନିସ୍ତାନର ଲୋକଙ୍କୁ ଶାନ୍ତି, ନିରାପତ୍ତା ଏବଂ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଦିଗରେ ସହାୟତା ଉପରେ ବିଚାର ବିମର୍ଷ କରାଯିବ।

ଆଫଗାନିସ୍ତାନର ଲୋକଙ୍କ ସହ ଭାରତର ଘନିଷ୍ଠ ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଆସିଛି ଏବଂ ଆଫଗାନିସ୍ତାନ ସମ୍ମୁଖୀନ ହେଉଥିବା ସୁରକ୍ଷା ତଥା ମାନବିକ ସମସ୍ୟାର ମୁକାବିଲା କରିବା ନିମନ୍ତେ ଏକୀକୃତ ଆନ୍ତର୍ଜାତିକ ସହାୟତା ଯୋଗାଇବା ପାଇଁ ଭାରତ ଆହ୍ୱାନ କରିଛି। ଆଗାମୀ ବୈଠକ ହେଉଛି ସେହି ଦିଗରେ ଏକ ପ୍ରୟାସ।

ନୂଆଦିଲ୍ଲୀ

ନଭେମ୍ବର 08, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.